# Akashvani, Sambalpur

## SAMBALPURI NEWS EVENING BULLETIN

**5 August 2024- 7.02 pm- 7.12 pm.**

*********************************************

୧- ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଭୁବ୍‌ନେଶ୍ୱର୍ ନ କଲେ ଜନଶୁଣାଣି ।

- ୨ ହଜାର୍ ୪ ଶହ ୩ ଟା ଅଭିଯୋଗ୍‌ର ହେଇଛେ ଶୁଣାଣି ।

୨- ରାଉର୍‌କେଲା ବିମାନ୍ ବନ୍ଦର୍‌ର ଉନ୍ନତି ଲାଗି ଦିଆଯାଇଛେ ୫୭ କୋଟି ୬୦ ଲାଖ୍ ଟଙ୍କା- କହେଲେ ବେସାମରିକ ବିମାନ୍ ଚଲାଚଲ୍ ମନ୍ତ୍ରୀ ।

୩- ଶ୍ରୀକ୍ଷେତ୍ର ପୁରୀ ନ ବସ୍‌ଲା ଶ୍ରୀମନ୍ଦିର୍ ପରିଚାଳନା କମିଟିର୍ ବୈଠକ୍ ।

- ରତ୍ନଭଣ୍ଡାର୍‌ର ମରାମତି ଏସ୍‌ଓପି ସହେତେ ଅଲ୍‌ଗା ପ୍ରସ୍ତାବ୍ ଉପ୍‌ରେ ହେଲା ଆଲୋଚନା ।

ଆଉର୍

୪- ଶ୍ରାବଣ୍ ମାସର୍ ୩ ନମ୍ବର୍ ସୋମ୍‌ବାର୍‌ଥି ଜଳାଭିଷେକ୍ ଲାଗି ରାଜ୍ୟର୍ ଭିନ୍ ଭିନ୍ ଶିବମନ୍ଦିର୍ ମାନ୍‌କେ ଭକ୍ତମାନ୍‌କର୍ ଭିଡ଼୍ ।

ମୁଖ୍ୟମନ୍ତ୍ରୀ- ଅଭିଯୋଗ୍ ଶୁଣାଣି ଆର୍ଏନ୍ୟୁ/ ସମ୍ବଲପୁର

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏଜ୍ ଭୁବ୍ନେଶ୍ୱର୍ ନ ଥିବା ମୁଖ୍ୟମନ୍ତ୍ରୀଙ୍କର ଅଭିଯୋଗ୍ ପ୍ରକୋଷ୍ଠ ନ ସଖାଲର୍ ୧୦ ବଜେନୁ ଉପର୍ବେଲା ୫ ବଜେତକ୍ ଅଭିଯୋଗ୍ ମାନ୍କର୍ ଶୁଣାଣି କରିଛନ୍ । ଆଏଜ୍ ୨ ହଜାର୍ ୪ ଶହ ୩ ଟା ଅଭିଯୋଗ୍ର ଶୁଣାଣି ଲାଗି ପଞ୍ଜିକରଣ୍ ହେଇଥିଲା ଆଉ ୫ ହଜାର୍ନୁ ଅଏତ୍କା ଲୋକ୍ ମୁଖ୍ୟମନ୍ତ୍ରୀ ଆଉ ଅଲ୍ଗା ମନ୍ତ୍ରୀମାନ୍କୁ ଭେଟିଥିଲେ । ଇତାର୍ ଉତାରୁ ମୁଖ୍ୟମନ୍ତ୍ରୀ ସାମାଜିକ୍ ଗଣମାଧ୍ୟମ୍ଥି କହିଛନ୍ ଯେ, ସିଧାସଲଖ୍ ଲୁକ୍କର୍ ଅଭିଯୋଗ୍ ବାବ୍ଦେ ଆଲୋଚନା କର୍ବାର୍ ସହେତେ ସମସ୍ୟାର୍ ସାଙ୍ଗେସାଙ୍ଗ୍ ସମାଧାନ୍ କରାଯାଇଛେ । ଫି’ ସମସ୍ୟାକେ ଗୁରୁତ୍ୱର୍ ସହେତେ ବିଚାର୍ କର୍ବାର୍ ଆଉ ଜଲ୍ଦି ନ୍ୟାୟ ଦେବାର୍ ଲାଗି ସର୍କାର୍ ପ୍ରତିଶ୍ରୁତିବଦ୍ଧ ବଲି ମୁଖ୍ୟମନ୍ତ୍ରୀ କହିଛନ୍ । ଶୁଣାଣି ସମିଆଥି ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା ଆଉ ରାଜ୍ୟ ମନ୍ତ୍ରୀମଣ୍ଡଲ୍ର ସଦସ୍ୟମାନେ ଉପସ୍ଥିତ୍ ଥିଲେ ।

ରାଜ୍ୟସଭା- ଉଡ଼ାନ୍ ଯୋଜ୍ନା ଆର୍ଏନ୍ୟୁ/ କଟକ୍

କେନ୍ଦ୍ର ସର୍‌କାର୍‌ଙ୍କର୍ ଉଡ଼ାନ୍ ଯୋଜ୍‌ନାର୍ 'ଉଡ଼େ ଦେଶ୍‌କା ଆମ୍ ନାଗ୍‌ରିକ୍' ଅଧୀନ୍‌ଥି ରାଉର୍‌କେଲା ବିମାନ୍ ବନ୍ଦର୍‌ର ବିକାଶ୍ ଲାଗି ୫୭ କୋଟି ୬୦ ଲାଖ୍ ଟଙ୍କା ଯୁଗେଇ ଦିଆଯାଇଛେ ବଲି ବେସାମରିକ୍ ବିମାନ୍ ଚଲାଚଲ୍ ମନ୍ତ୍ରୀ କିଞ୍ଜାରାପୁ ରାମମୋହନ୍ ନାଇଡୁ କହିଛନ୍ । ଆଏଜ୍ ରାଜ୍ୟସଭା ନ ବିଜୁ ଜନତା ଦଲ୍ ସଦସ୍ୟ ମୁଜିବୁଲ୍ଲା ଖାଁଙ୍କର୍ ଗୁଟେ ପ୍ରଶ୍ନର୍ ଉତର୍‌ଥି ସେ କହିଛନ୍ ଯେ, ସେଲ୍‌ଥି ଅଧିକୃତ ରାଉର୍‌କେଲାର୍ ବିମାନ୍ ବନ୍ଦର୍‌ର ବିକାଶ୍ ଆଉ ବିମାନ୍ ଚଲାଚଲ୍‌ର ଉନ୍ନତିର୍ ଲାଗି ପହେଲା ଖେପେ ବଢାଯାଇଛେ । ସେଠାନୁ ଭୁବ୍‌ନେଶ୍ୱର୍‌କେ ଗଲାବଛର୍ ଜାନୁଆରୀ ନୁ ଏଟିଆର୍ - ୭୨ ବିମାନ୍ ଚଲାଚଲ୍ କରୁଛେ । ଶ୍ରୀ ନାଇଡୁ କହିଛନ୍ ଯେ, ଦେଶେ ଉଡ଼ାନ୍ ଯୋଜ୍‌ନାଥି ୨୦୧୬ ମସିହାନୁ ଆଂଚଲିକ୍ ସ୍ତର୍ ନ ଆର୍ ଦୂରିଆ ଇଲାକାକେ ସଂଯୋଗ୍ ଥାପ୍‌ନା ଲାଗି ବିମାନ୍ ବନ୍ଦର୍‌ର ବିକାଶ୍ କାମ୍ ହାତ୍‌କେ ନିଆଯାଇଛେ ।

ପୁଲିସ୍ ମହାନିର୍ଦ୍ଦେଶକ୍ ପଦ୍‌ବୀ ଆର୍‌ଏନ୍‌ୟୁ/ କଟକ୍

ରାଜ୍ୟ ସର୍‌କାର୍ ପୁଲିସ୍ ମହାନିର୍ଦ୍ଦେଶକ୍ ପଦ୍‌ବୀ ଲାଗି ନିଯୁକ୍ତି ପ୍ରକ୍ରିୟା ମୁଲ୍ କରିଛନ୍ । ଇଥିର୍‌ଲାଗି ୧୯୮୮ ବେଚ୍‌ର ଆଇପିଏସ୍ ଅଧିକାରୀ ଏ.କେ. ରାୟ, ୧୯୮୯ ବେଚ୍‌ର

ଆଇପିଏସ୍ ଅଧିକାରୀ ଏସ୍.ଏମ୍. ନରୱ୍ୱଣେ, ଆର୍ ୧୯୯୦ ବେଚ୍‌ର ଆଇପିଏସ୍ ଅଧିକାରୀ ୱ୍ୱାଇ.ବି. ଖୁରାନିଆ ତାଲିକାଥି ଅଛନ୍ । ଇ ତିନ୍‌ହି ଝନ ବରିଷ୍ଠ ପୁଲିସ୍ ଅଧିକାରୀଙ୍କୁ ରାଜ୍ୟ ଗୃହ ବିଭାଗ୍ ତର୍‌ଫୁ ସେମାନ୍‌କର୍ ପୁରା ବାୟୋଡାଟା ଦେବାର୍ ଲାଗି କୁହାଯାଇଛେ ।

ଇନ ଜନେଇ ଦିଆଯାଇପାରେ ଯେ, ଆଇପିଏସ୍ ଅଧିକାରୀ ୱ୍ୱାଇ.ବି. ଖୁରାନିଆଙ୍କୁ ଇଥିର୍‌ଭିତ୍‌ରେ କେନ୍ଦ୍ର ସର୍‌କାର୍ ଡେପୁଟେସନ୍ ଅବଧି ଶେଷ୍ ହେବାର୍ ଆଘୋନୁ ରାଜ୍ୟକେ ଫିରେଇ ଦେଇଛନ୍ ।

କାଳିଆ ଯୋଜ୍‌ନା          ଆର୍‌ଏନ୍‌ୟୁ/ କଟକ୍

ରାଏଜେ କାଳିଆ ଯୋଜ୍‌ନାଥି ମୋଟ୍ ୪୫ ଲାଖ୍ ୬୭ ହଜାର୍ ୫ ଶହ ୨୪ ଝନ୍ ଛୋଟ୍ ଆଉ ନାମମାତ୍ର ଚାଷୀଙ୍କର୍ ସହେତେ ୧୯ ଲାଖ୍ ୧୨ ହଜାର୍ ଶହେ ୨୨ ଭୂମିହୀନ ଚାଷୀ ପରିବାର୍‌କେ ସାମିଲ୍ କରାଯାଇଛେ ବଲି ଉପମୁଖ୍ୟମନ୍ତ୍ରୀ କନକ୍‌ବର୍ଦ୍ଧନ୍ ସିଂହଦେଓ କହିଛନ୍ । ହେଲେ ଇ ଯୋଜ୍‌ନାର୍ ଭବିଷ୍ୟତ୍ ଲାଗି ଉଚ୍ଚସ୍ତରୀୟ ବିଚାର୍ ଆଲୋଚନା ଚାଲିଛେ । ସେ କହିଛନ୍ ଯେ, ଗଲା ଜୁନ୍ ମାସ ୧୮ ତାରିଖ୍ ଦିନ ପ୍ରଧାନ୍‌ମନ୍ତ୍ରୀ କିଷାନ୍ ସମ୍ମାନ୍ ନିଧି ଯୋଜ୍‌ନାର୍ ୧୭

ନମ୍ବର୍ କିସ୍ତିଥି ରାଜ୍ୟର୍ ୨୯ ଲାଖ୍ ୭୩ ହଜାର୍ ୯ ଶହ ୮୦ ଝନ୍‌କୁ ସାହାଜ୍ ଟଙ୍କା ଦିଆଯାଇଛେ ।

୩୭୦ ଧାରା ଉଛେଦ          ଆର୍‌ଏନ୍‌ୟୁ/ କଟକ୍

ଜମ୍ମୁ କାଶ୍ମୀର୍‌ନୁ ୩୭୦ ଧାରା ଉଠେଇ ଦେବାର୍ ଆଏଜ୍ ୫ ବଛର୍ ପୁରା ହେଇଛେ । ଇ ବାବ୍‌ଦେ ଆତଙ୍କ୍‌ବାଦୀ କାର୍ଯ୍ୟକଳାପ ନେଇକରି ସେନର୍ ପ୍ରଶାସନ୍ ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ । ଇଟାକେ ନଜର୍‌ଥି ରଖିକରି ପବିତ୍ର ଅମର୍‌ନାଥ୍ ଗୁମ୍ଫା ଉଦ୍ଦେଶ୍‌ଥି ଆଏଜ୍ ମୂଳ କେମ୍ପ୍‌ନୁ ଯାତ୍ରୀଙ୍କର୍ ଗସ୍ତକେ ସ୍ଥଗିତ୍ ରଖାଯାଇଛେ । ଭିନ୍ ଭିନ୍ ଜାଗା ନ ସୁରକ୍ଷାଥି କଡ଼ାକଡ଼ି ଯାଂଚ୍ ବ୍ୟବସ୍ଥାକେ ଅଏତ୍‌କା ବ୍ୟାପକ୍ କରାଯାଇଛେ । କେନ୍ଦ୍ରମନ୍ତ୍ରୀ ଜୁଏଲ୍ ଓରାମ୍ ସାମାଜିକ୍ ଗଣମାଧ୍ୟମ୍‌ଥି ଇ ଦିବସ୍ ମନେ ପକେଇକରି କହିଛନ୍ ଯେ, ସାରା ଦେଶେ ଗୁଟେ ବିଧାନ୍, ଗୁଟେ ଚିହ୍ନ ଆର୍ ଗୁଟେ ପ୍ରଧାନ୍ ବ୍ୟବସ୍ଥା ସ୍ଥାପିତ୍ ହେବାର୍ ଆଏଜ୍ ୫ ବରସ୍ ପୁରା ହେଇଛେ । ଇଥିର୍‌ଲାଗି ସେ ଦେଶ୍‌ର୍ ଲୋକ୍‌ମାନ୍‌କୁ ଶୁଭେଛା ଜନେଇଛନ୍ ।

ନିର୍ବାଚନୀ ଅନିୟମିତତା-ହାଇକୋର୍ଟ ନୋଟିସ୍

ଆର୍ଏନ୍ୟୁ/ କଟକ୍

ନିର୍ବାଚନ୍‌ଥି ଅନିୟମିତତା ଅଭିଯୋଗ୍ ବାବଦ୍ ମାମ୍‌ଲାର୍ ପ୍ରାଥମିକ ଶୁଣାଣି କରିକରି ହାଇକୋର୍ଟ ୩ ଝନ୍ ବିଧାୟକଙ୍କୁ ନୋଟିସ୍ ଜାରି କରିଛନ୍ । ଝାର୍‌ସୁଗୁଡ଼ା ବିଧାନ୍‌ସଭା ନିର୍ବାଚନ୍‌ଥି ମିଛ୍ ସତ୍ୟପାଠ୍ ଦାଖଲ୍ ଅଭିଯୋଗ୍ ନେଇକରି ବିଜେଡ଼ିର୍ ହାରି ଯାଇଥିବା ପ୍ରାର୍ଥୀ ଦୀପାଲୀ ଦାସ୍‌ଙ୍କର୍ ତର୍‌ଫୁ ଆଗତ୍ ଆବେଦନ୍ ଉପ୍‌ରେ ହାଇକୋର୍ଟ ବିଧାୟକ୍ ଟଙ୍କଧର୍ ତ୍ରିପାଠୀଙ୍କୁ ଜବାବ୍ ଦାଖଲ୍ କର୍‌ବାର୍‌କେ ନିର୍ଦ୍ଦେଶ୍ ଦେଇଛନ୍ । ସେନ୍ତା ଚାନ୍ଦ୍‌ବାଲି ବିଧାୟକ୍ ବ୍ୟୋମ୍‌କେଶ ରାୟ ଆର୍ ଜଲେଶ୍ୱର୍ ବିଧାୟକ୍ ଅଶ୍ୱିନୀ କୁମାର୍ ପାତ୍ରଙ୍କୁ ଭିଲ୍ ଜବାବ୍ ଦାଖଲ୍ କର୍‌ବାର୍‌କେ କୁହାଯାଇଛେ । ଆଏବା ମାସ ୨୩ ତାରିଖ୍ ଦିନ ଇତାର୍ ଫେର୍ ଶୁଣାଣି କରାଯିବା ।

ପେଶା ଆଇନ                ଆର୍ଏନ୍ୟୁ/ କଟକ୍

ଓଡ଼ିଶା ନ ଆଦିବାସୀଙ୍କର୍ ବିକାଶ୍ ଲାଗି ପେଶା ଆଇନ୍ କାର୍ଯ୍ୟକାରୀ କରାଯିବା ବଲି ପଂଚାୟତିରାଜ୍ ମନ୍ତ୍ରୀ ରବିନାରାୟଣ୍ ନାଏକ୍ କହିଛନ୍ । ବିଜେପି ଅନୁସୂଚିତ ଜନଜାତି ମୋର୍ଚ୍ଚା ତର୍‌ଫୁ ହେଇଥିବା ଗୁଟେ କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେଇକରି ଶ୍ରୀ ନାଏକ୍ କହିଛନ୍ ଯେ, ଇ ଆଇନ୍

ଓଡ଼ିଶା ନ ଲାଗୁ କର୍‌ବାର୍ ଲାଗି ବିଜେପି ସର୍‌କାର୍ ପଦକ୍ଷେପ୍ ନେଉଛନ୍। ଅନୁସୂଚିତ ଜନଜାତିର ବିକାଶ୍‌କେ ତୁର୍‌ତି କର୍‌ବାର୍ ଲାଗି ଇ ପଦକ୍ଷେପ୍ ନିଆଯିବା ବଲି ମନ୍ତ୍ରୀ ଶ୍ରୀ ନାଏକ୍ କହିଛନ୍। ବିଧାନ୍‌ସଭାର୍ ଆଏବା ଅଧିବେଶନ୍‌ଥି ଇ ବାବ୍‌ଦେ ବିଲ୍ ଆନ୍‌ବାର୍‌କେ ବ୍ୟବସ୍ଥା କରାଯାଉଛେ ବଲି ସେ କହିଛନ୍।

ଶ୍ରୀମନ୍ଦିର୍ ପରିଚାଳନା କମିଟି ବୈଠକ   ଆର୍‌ଏନ୍‌ୟୁ/ କଟକ୍

ଗଜପତି ମହାରାଜ ଦିବ୍ୟସିଂହ ଦେବଙ୍କର୍ ଅଧ୍ୟକ୍ଷତାଥି ଆଏଜ୍ ପୁରୀ ନୀଳାଦ୍ରୀ ଭକ୍ତନିବାସ୍ ଠାନେ ଶ୍ରୀମନ୍ଦିର୍ ପରିଚାଳନା କମିଟି ବୈଠକ୍ ହେଇଯାଇଛେ। ଇଥି ୫ ଟା ନୁ ୬ ଟା ପ୍ରସ୍ତାବ୍ ଉପ୍‌ରେ ଆଲୋଚନା ହେଇଛେ। ଖାସ୍ କରି ରତ୍ନଭଣ୍ଡାର୍‌କେ ନେଇକରି ବୈଠକ୍‌ଥି ଟିକିନିଖି ଭାବେ ଆଲୋଚନା କରାଯାଇଥିଲା। ପ୍ରାଥମିକ୍ ଭାବେ ରତ୍ନଭଣ୍ଡାର୍‌ଥି ଥିବା ପୁର୍‌ନା ଆଲ୍‌ମିରା ଆର୍ ସିନ୍ଦୁକ୍‌କେ ସ୍ଥାନାନ୍ତର୍ ଆର୍ ରତ୍ନଭଣ୍ଡାର୍ ମରାମତି କରାଯିବାର୍ ଲାଗି ଏସ୍‌ଓପି ତିଆର୍ କରାଯାଇଛେ। ଇଟାକେ ରାଜ୍ୟ ସର୍‌କାର୍‌ଙ୍କର୍ ପାଖ୍‌କେ ପଠାଯାଇକରି ପରବର୍ତୀ ପଦକ୍ଷେପ୍ ନିଆଯିବା। ଇତାର୍‌ସହେତେ ଶ୍ରୀମନ୍ଦିର୍ ଜମିକେ ନେଇକରି ବୈଠକ୍‌ଥି ଆଲୋଚନା ହେଇଥିବାର୍ ବେଲେ ସ୍ୱତନ୍ତ୍ର ଡ୍ରାଫ୍‌ଟ

ପ୍ରସ୍ତୁତ୍ କରାଯାଇକରି ରାଜ୍ୟ ସର୍କାର୍ଙ୍କର୍ ପାଖ୍କେ ପଠାଯିବା । ଅର୍ପଣ୍ ଚାଉଲ୍କେ ନେଇକରି ମୁଖ୍ୟ ପ୍ରଶାସକ ଆର୍ ଜିଲ୍ଲାପାଲ୍- ସମ୍ପୃକ୍ତ ନିଯୋଗ ସାଙ୍ଗେ ଆଲୋଚନା କରିକରି ଆଗ୍କେ ପଦକ୍ଷେପ୍ ନେବେ । ରାଜ୍ୟ ସର୍କାର୍ଙ୍କର୍ ତର୍ଫୁ ଅଧୀକୃତ ନିଯୁକ୍ତି ସଂସ୍ଥା ତର୍ଫୁ ଶ୍ରୀମନ୍ଦିର୍ ନ ନିଯୁକ୍ତି ଦିଆଯିବା ବଲି ପରିଚାଳନା କମିଟି ବୈଠକ୍ଥି ନିଷ୍ପତି ନିଆଯାଇଛେ ।

ଶ୍ରାବଣ୍ ସୋମ୍ବାର୍

ଆର୍ଏନ୍ୟୁ/ କଟକ୍/ସମ୍ବଲପୁର/ବଲାଙ୍ଗିର୍/ସୁବର୍ଣ୍ଣପୁର/ବୌଦ୍ଧ

ଶ୍ରାବଣ ମାସର୍ ୩ ନମ୍ବର୍ ସୋମ୍ବାର୍ ଉଧେ ଆଏଜ୍ ଭିନ୍ ଭିନ୍ ଶୈବପୀଠ ନ କାଉଡ଼ିଆମାନ୍କର୍ ଭିଡ଼ ଦେଖ୍ବାର୍କେ ମିଲିଥିଲା । ଶ୍ରାବଣ୍ ସୋମ୍ବାର୍ ଅବ୍ସରେ ରାଜ୍ୟପାଲ୍ ରଘୁବର୍ ଦାସ ସାମାଜିକ୍ ଗଣମାଧ୍ୟମ୍ଥି ସମସ୍ତଙ୍କୁ ହାର୍ଦ୍ଦିକ୍ ଶୁଭକାମନା ଜନେଇଛନ୍ । ଜାମ୍ସେଦ୍ପୁର୍ଠାନେ ଜଳାଭିଷେକ ଯାତ୍ରା ମହୋତ୍ସବ୍ଥି ସେ ସାମିଲ୍ ହେଇଥିଲେ । ପ୍ରଭୁ ଲିଙ୍ଗରାଜ୍, ବାବା ଧବଳେଶ୍ୱର୍, ବାବା ଆଖଣ୍ଡଳମଣି, ଲୋକନାଥଙ୍କର୍ ପୀଠ, ପଂଚମହାଲିଙ୍ଗେଶ୍ୱର୍ ଶୈବପୀଠ ନ ପାଏନ୍ ଢାଲ୍ବାର୍ ଲାଗି କାଉଡ଼ିଆମାନ୍କର୍ ଜବର୍ ଭିଡ୍ ହେବାର୍ ଦେଖାଦେଇଥିଲା ।

ସମ୍ବଲପୁର୍ ଜିଲ୍ଲାର୍ ହୁମାର ବିମଳେଶ୍ୱର୍ ବାବା, ମାନେଶ୍ୱର୍‌ର ମାନ୍ଧାତା ବାବା, ହାତୀବାଢ଼ି ପାଖର୍ କଣ୍ଟେଶ୍ୱର୍ ବାବା, ଜମନ୍‌କିରା ପାଖର୍ ମୁକ୍ତେଶ୍ୱର୍ ବାବା ଆଉ ସମ୍ବଲପୁର୍ ସହରର୍ ବାଲିବନ୍ଧାର ସୋମ୍‌ନାଥ ବାବା, ବୁଢ଼ାରଜାର କୋଶଳେଶ୍ୱର ବାବା, ନନ୍ଦପଡ଼ାର ବାଲୁଙ୍କେଶ୍ୱର୍ ବାବା, ଝାଡୁଆପଡ଼ାର୍ ଲୋକ୍‌ନାଥ ବାବା, ମୁଦିପଡ଼ାର ଜାଗେଶ୍ୱର୍ ବାବା ଆର୍ ଦୁର୍ଗାପାଲିର ଗୁଡ଼େଶ୍ୱର୍ ବାବାଙ୍କର୍ ସହେତେ ଶିବମନ୍ଦିର୍ ମାନ୍‌କେ ଆଏଜ୍ ଭୋର୍‌ନୁ ଭକ୍ତମାନ୍‌କର୍ ଭିଡ଼୍ ଲାଗି ରହିଥିଲା ।

ସେନ୍ତା ବଲାଙ୍ଗିର୍‌ର ହରିଶଙ୍କର୍ ଶୈବପୀଠ ନ ଭିଲ୍ ପାଏନ୍ ଚଢ଼ାବାର୍ ଲାଗି ଗଲାରାତିନୁ କାଉଡ଼ିଆମାନ୍‌କର୍ ଭିଡ଼୍ ହେଇଥିଲା । ସୁବର୍ଣ୍ଣପୁର୍ ନ ଭିଲ୍ ଅଷ୍ଟଶମ୍ଭୁ ବାବା, ସୁବର୍ଣ୍ଣମେରୁ, ରାମେଶ୍ୱର୍, ଗୋକର୍ଣ୍ଣେଶ୍ୱର୍ ସହେତେ ଭିନ୍ ଭିନ୍ ଶୈବପୀଠମାନ୍‌କେ ଜଲାଭିଷେକ୍ ଲାଗି କାଉଡ଼ିଆମାନ୍‌କର୍ ଜବର୍ ଭିଡ଼୍ ହେଇଥିଲା ।

ବୌଦ୍ଧ ଜିଲ୍ଲାର୍ ଐତିହାସିକ ଗନ୍ଧରାଢ଼ି ପୀଠ ସହେତେ ଭିନ୍ ଭିନ୍ ଶିବ ମନ୍ଦିର୍ ମାନ୍‌କେ କାଉଡ଼ିଆମାନ୍‌କର୍ ଭିଡ଼୍ ହେଇଥିଲା । କାଉଡ଼ିଆମାନେ ଯେନ୍ତା ଶାନ୍ତିଶୃଙ୍ଖଲାଥି ପାଏନ୍ ଢାଲିପାର୍‌ବେ ସେଥିର୍‌ଲାଗି ମନ୍ଦିର୍ କମିଟି ମାନ୍‌କର୍ ତର୍‌ଫୁ ପ୍ରସ୍ତୁତି କରାଯାଇଥିଲା ।

ବର୍ଷା ସାହିତ୍ୟ ଆସର ଶ୍ରାବଣୀ ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ସିନାପାଲିର ଗଙ୍ଗାଧର୍ ସାରସ୍ୱତ ସମିତି ତର୍ଫୁ ଗଣ୍ଡାବାହାଲି ଗାଁ ନ ଇ ବଛ୍ରର୍ ବର୍ଷା ସାହିତ୍ୟ ଆସର ଶ୍ରାବଣୀ ଅନୁଷ୍ଠିତ ହେଇଯାଇଛେ । ଇ ଅବ୍ସରେ ସାରସ୍ୱତ ସମିତିର୍ ସଭାପତି ବୈଷ୍ଣବ ମେହେର୍ଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ସାରସ୍ୱତ ଆସର୍ଥି ବହୁତ୍ ଶିକ୍ଷାବିତ୍ ଯୋଗ୍ ଦେଇକରି ସାହିତ୍ୟର୍ ଭିନ୍ ଭିନ୍ ଦିଗ୍ ଆର୍ ସଂସ୍କୃତି ଉପ୍ରେ ଆଲୋଚନା କରିଥିଲେ ।

ଲୋକ୍ସଭା- ଫସଲ୍ରଣ ଆର୍ଏନ୍ୟୁ/ କଟକ୍

ଗାଁଗହଲ୍ ନ ତଲ୍ସ୍ତର୍ନୁ ଋଣ ପରିମାଣ୍ ୨୫ ଲାଖ୍ ୪୬ ହଜାର୍ କୋଟି ଟଙ୍କାକେ ବଢ଼ିଛେ ବଲି ଅର୍ଥରାଷ୍ଟ୍ରମନ୍ତ୍ରୀ ପଙ୍କଜ୍ ଚୌଧୁରୀ କହିଛନ୍ । ଲୋକ୍ସଭା ନ ଇ ବାବ୍ଦେ ଗୁଟେ ପ୍ରଶ୍ନର୍ ଉତର୍ ଦେଇକରି ସେ କହିଛନ୍ ଯେ, କିଷାନ୍ କ୍ରେଡ଼ିଟ୍କାର୍ଡ୍ ଅଧୀନ୍ଥି ଚାଷୀମାନ୍କୁ ୯ ଲାଖ୍ ୮୨ ହଜାର୍ କୋଟି ଟଙ୍କାର୍ ଫସଲ୍ ଋଣ ଦିଆଯାଇଛେ । ଗଲା ୨୦୧୪ ମସିହାଥି ଇଟା ୪ ଲାଖ୍ ୨୪ ହଜାର୍ କୋଟି ଟଙ୍କାଥି ସୀମିତ ଥିଲା । କୃଷକ୍ କଲ୍ୟାଣ୍ ଆଉ କୃଷିଜାତ ଦ୍ରବ୍ୟର୍ ଉନ୍ନତି ଲାଗି ସର୍କାର୍ ବହୁତ୍ଟେ ପଦକ୍ଷେପ୍ ନେଇଛନ୍ ବଲି ସେ

ସୂଚ୍ନା ଦେଇଛନ୍ । ପ୍ରଧାନ୍‌ମନ୍ତ୍ରୀ ଜନ୍‌ଧନ୍ ଯୋଜ୍‌ନାଥି ଆର୍ଥିକ୍ ଅନ୍ତର୍ଭୁକ୍ତିକରଣ୍‌କେ ସୁନିଶ୍ଚିତ୍ କର୍‌ବାର୍ ଲକ୍ଷ୍ୟ ନେଇକରି ୫୨ କୋଟିନୁ ଅଏତ୍‌କା ଜମାଖାତା ଖୁଲାଯାଇଛେ ବଲି ସେ ସୂଚ୍ନା ଦେଇଛନ୍ ।

ପେରିସ୍ ଅଲମ୍ପିକ୍ସ ଷ୍ଟାମ୍ପ          ଆର୍‌ଏନ୍‌ୟୁ/ କଟକ୍

କେନ୍ଦ୍ର ସର୍‌କାର୍ ପେରିସ୍ ଅଲମ୍ପିକ୍ସ ଉପ୍‌ରେ ଗୁଟେ ସ୍ମାରକୀ ଡାକ୍‌ଟିକଟ୍ ଜାରି କର୍‌ବେ । ସାମାଜିକ୍ ଗଣମାଧ୍ୟମ୍ ଜରିଏ ଭାରତୀୟ ଡାକ୍ ବିଭାଗ୍ ଇ ବିଷେ ଘୋଷ୍‌ନା କରିଛେ । କେନ୍ଦ୍ର ଯୋଗାଯୋଗ୍ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ ଆର୍ କ୍ରୀଡ଼ାମନ୍ତ୍ରୀ ଡକ୍ଟର୍ ମନସୁଖ୍ ମାଣ୍ଡଭିୟ ଇଥିର୍‌ଲାଗି ହେବାର୍‌କେ ଥିବା କାର୍ଯ୍ୟକ୍ରମ୍‌ଥି ଯୋଗ୍‌ଦେବେ । ମନ୍ତ୍ରଣାଲୟ ତର୍‌ଫୁ ମିଲିଥିବା ସୂଚ୍ନା ଅନ୍‌ସାରେ କ୍ରୀଡ଼ା ଆଉ କ୍ରୀଡ଼ାବିତ୍‌ଙ୍କର୍ ଲାଗି ଭାରତ୍‌ର ଉତ୍ସାହ ଆର୍ ସମର୍ଥନ୍ ପ୍ରତୀକ୍ ଭାବେ ଇ ଅଲମ୍ପିକ୍ ଡାକ୍‌ଟିକଟ ପ୍ରଚଲନ୍ ହେବା ।

ପାଣିପାଗ      ଆର୍‌ଏନ୍‌ୟୁ/ସମ୍ବଲପୁର

ଝାର୍ଖଣ୍ଡ ଆର୍ ଉତର୍ ଓଡ଼ିଶା ଉପ୍ରେ ଆଏବା କାଏଲ୍ ଗୁଟେ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର୍ ସମ୍ଭାବନା ରହିଛେ ବଲି ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍ଫୁ ଅନୁମାନ୍ କରାଯାଇଛେ । ଇତାର୍ପ୍ରଭାବ୍ଥି ଆଏବା କାଏଲ୍ ସଖାଲ୍ବେଲାନୁ ବର୍ଷା ବଢ଼୍ବା । ଆଏବା ବୁଧବାର୍ ଦିନ ସମ୍ବଲ୍ପୁର୍, ଦେବ୍ଗଡ଼୍ ସହେତେ ଉତର୍ ଆର୍ ପର୍ଶ୍ଚିମ୍ ଓଡ଼ିଶାର୍ କେତେଟା ଜିଲ୍ଲାଥି ଜବର୍ ବର୍ଷା ହେଇପାରେ । ଗୁରୁବାର୍ ଦିନ ପର୍ଶ୍ଚିମ ଆଉ ରାଜ୍ୟର୍ ଭିତ୍ରିଆ ଇଲାକା ନ ଭିଲ୍ ବର୍ଷା ହେବା ।